## ଜଳିଗଲା ୨ ବଖରା

ପଦ୍ମପୁର,(ଡି.ଏନ.ଏ.):-ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ପାଇକସାହି ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ପଦ୍ମଲୋଚନ ରାୟଙ୍କ ୨ ବଖରା ଘର ଜଳିଯାଇଛି। ଖବର ପାଇ ଅଗ୍ନିଶମ ବାହିନୀ ପହଞ୍ଚିଲା ବେଳକୁ ସମସ୍ତ ଆସବାବପତ୍ର ପୋଡ଼ି ପାଉଁଶ ହୋଇଯାଇଥିଲା। ବାଲିମେଦ ରାଜସ୍ୱ ନିରୀକ୍ଷକ ସତ୍ୟରଞ୍ଜନ ମଲ୍ଲିକ ପହଞ୍ଚି ଅଗ୍ନିପିପନ ପରିବାରକୁ ପଲିଥିନ ଯୋଗାଇ ଦେବା ସହ ଅନ୍ୟ ସରକାରୀ ସହାୟତା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଶିମିଳିପାଳରେ ଅବସ୍ଥା ଅଣାୟତ୍ତ

## ୧୧୨ରୁ ଅଧିକ ସ୍ଥାନରେ ଜଳୁଛି ନିଆଁ

**ବାରିପଦା ଅଫିସ,୬।୩**



ଶିମିଳିପାଳ ଅଭୟାରଣ୍ୟରେ ଲାଗିଥିବା ନିଆଁ ଅଣାୟତ୍ତ ହୋଇଥିବା ବେଳେ ଦିନକୁ ଦିନ ଏହା ବ୍ୟାପିବାରେ ପାଇବାରେ ଲାଗିଛି। ନାସା ପକ୍ଷରୁ ପ୍ରଦତ୍ତ ରିପୋର୍ଟ ଅନୁଯାୟୀ ଶିମିଳିପାଳ କୋର୍ ଓ ବୋଫର ଅଞ୍ଚଳରେ ପ୍ରାୟ ୧୧୨ରୁ ଊର୍ଦ୍ଧ୍ୱ ସ୍ଥାନରେ ନିଆଁ ଜଳୁଥିବାର ଜଣାପଡ଼ିଛି। ୧୨ରୁ ଊର୍ଦ୍ଧ୍ୱ ଦମକଳ ବାହିନୀ, ୧୨ଶହ କର୍ମଚାରୀ, ସ୍ୱେଚ୍ଛାସେବୀ ସଙ୍ଗଠନ ଓ ଅଞ୍ଚଳବାସୀଙ୍କ ପକ୍ଷରୁ ନିଆଁ ଲିଭା କାର୍ଯ୍ୟ ଜାରି ରହିଛି। ତେବେ କେତେକ ସ୍ଥାନରେ ନିଆଁକୁ ଆୟତ୍ତ କରୁଥିବା ବେଳେ ଅନ୍ୟ ସ୍ଥାନରେ ନିଆଁ ଜଳୁଥିବା ଜଣାଯାଇଛି। ୧୨ଦିନ ମଧ୍ୟରେ ଜଳୁଥିବା ନିଆଁ ଯୋଗୁ ହଜାର ହଜାର ହେକ୍ଟର ଜଙ୍ଗଲ ପୋଡ଼ି ପାଉଁଶ ହୋଇଯାଇଛି। ବନ ବିଭାଗ ପକ୍ଷରୁ ଏହାକୁ ଆୟତ୍ତ କରାଯାଇଥିବା ମନ୍ତବ୍ୟ ଦେଉଥିବାବେଳେ ନାସା ପକ୍ଷରୁ ପ୍ରଦତ୍ତ ଚିତ୍ରକୁ ନେଇ ଅଡୁଆ ପରିସ୍ଥିତି ଉପୁଜିଛି। ଏହି ଅଣାୟତ୍ତ ନିଆଁକୁ ନେଇ ଏବେ ଚିନ୍ତାରେ ପଡ଼ିଛନ୍ତି ପରିବେଶବିତ୍। ତେବେ ବିଭାଗ ପକ୍ଷରୁ ଘଟଣାକୁ ଲୁଚାଇବାକୁ ଉଦ୍ୟମ କରାଯାଉଥିବା ନେଇ ପରିବେଶବିତ୍ ତଥା ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଭାନୁମିତ୍ର ଆଚାର୍ଯ୍ୟ ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଅଭୟାରଣ୍ୟର ପୋଡ଼ାଡିହା, ଭଞ୍ଜବସା, ବାରହାକାମୁଡ଼ା, ନଅଁଣା ସାଉଥ୍ ଓ ନର୍ଥ, ବଡ଼ ଗାଁ, ପିଠାବଟା, ଢୁକୁରା, ତାଳବନ୍ଧ, ଗୁଡୁଗୁଡିଆ, ଦୁଧିଆଣି, କରଞ୍ଜିଆ, ବରେହିପାଣି, କେନ୍ଦୁମୁଣ୍ଡି ଓ ଠାକୁରମୁଣ୍ଡା ରେଞ୍ଜର ବିଭିନ୍ନ ଜଙ୍ଗଲରେ ନିଆଁ ଜଳୁଛି। ବିଭାଗ ପକ୍ଷରୁ ନିଆଁକୁ ଆୟତ୍ତ କରିବା ପାଇଁ ପ୍ରୟାସ ଜାରି ରହିଥିବା ବେଳେ ବିଶାଳ ଜଙ୍ଗଲକୁ ରକ୍ଷା କରିବା ଲାଗି ବର୍ଷା ଆବଶ୍ୟକ ହୋଇପଡ଼ିଛି। ତେବେ ଦୀର୍ଘଦିନ ଧରି ବର୍ଷା ହୋଇ ନ ଥିବାରୁ ଜଙ୍ଗଲର ଶୁଖିଲା କାଠପତ୍ର ଜଳି ଚାଲିଛି। ଫଳରେ ଜୀବଜନ୍ତୁମାନେ ପ୍ରାଣ ବିକଳରେ ଏପଟ ସେପଟ ହେଉଥିବା ବେଳେ ବହୁ ବନ୍ୟଜାତ ଦ୍ରବ୍ୟ ପୋଡ଼ି ନଷ୍ଟ ହୋଇଯାଇଛି। ଏହାକୁ ରକ୍ଷା କରିବା ପାଇଁ ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ ଓ ସ୍ୱେଚ୍ଛାସେବୀମାନେ ସହଯୋଗ କରିବାକୁ ଆଗେଇ ଆସୁଛନ୍ତି। ବିଭାଗ ପକ୍ଷରୁ ଆବଶ୍ୟକ ଅଗ୍ନିନିର୍ବାପକ ସାମଗ୍ରୀ ଯୋଗାଇ ଦେବାକୁ ଦାବି ହେଉଛି। ସେହିପରି ଜିଲା ପୋଲିସ ନିଆଁ ଲିଭା କାର୍ଯ୍ୟରେ ସାମିଲ ହୋଇଥିବା ଏସ୍‌ପି ସ୍ମିଥ୍ ପି. ପରମାର ଟ୍ୱିଟ୍ କରି ସୂଚନା ଦେଇଛନ୍ତି। ଜଙ୍ଗଲକୁ ରକ୍ଷା କରା ନ ଗଲେ ଔଷଧୀୟ ଫଳ ଓ ମୂଳ, ଗୁଳ୍ମ, ଅର୍କିଡ ଆଦି ସାମଗ୍ରୀ ମିଳିବା କଷ୍ଟକର ହୋଇପଡ଼ିବ ବୋଲି ପରିବେଶବିତ୍ ଡ.ସନତ କୁମାର ଦାଶ କହିଛନ୍ତି।

## 'ନିଆଁକୁ ଆୟତ୍ତ କରିବାରେ ବନ ବିଭାଗ ବିଫଳ'



ଖବରଦାତା ସମ୍ମିଳନୀରେ ଜିଲା କଂଗ୍ରେସ ନେତୃବୃନ୍ଦ।

**ବାରିପଦା ଅଫିସ,୬।୩**

ଏସିଆ ମହାଦେଶର ଦ୍ୱିତୀୟ ବୃହତମ ଜୈବ ମଣ୍ଡଳ ଶିମିଳିପାଳ ଅଭୟାରଣ୍ୟ ଏବେ ସଙ୍କଟରେ। ବିପଦମୁହାଁ ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ଆନ୍ତର୍ଜାତୀୟ ସ୍ତରରେ ପରିବେଶବିତମାନେ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଣାୟତ୍ତ ଅବସ୍ଥାରେ ଥିବା ଜଙ୍ଗଲର ନିଆଁକୁ ଆୟତ୍ତ କରାଯାଇଥିବା ନେଇ ପ୍ରଧାନ ମୁଖ୍ୟ ବନ୍ୟସଂରକ୍ଷକଙ୍କ ବୟାନକୁ ଜିଲା କଂଗ୍ରେସ ପକ୍ଷରୁ ତୀବ୍ର ସମାଲୋଚନା କରାଯାଇଛି। ତେବେ ନିଆଁକୁ ଆୟତ୍ତ କରିବାରେ ବିଭାଗ ସମ୍ପୂର୍ଣ୍ଣ ବିଫଳ ହୋଇପଡ଼ିଛି। ଶନିବାର ସୁଦ୍ଧା ଶିମିଳିପାଳର ବିଭିନ୍ନ ସ୍ଥାନରେ ନିଆଁ ଜଳୁଥିବା ବେଳେ ନିୟନ୍ତ୍ରଣାଧୀନ ରହିଛି ବୋଲି ବନ ସଂରକ୍ଷକ ମିଥ୍ୟା କଥା କହୁଛନ୍ତି। ଘଟଣାକୁ ନେଇ ରାଜ୍ୟ ସରକାର ଯେଉଁଭଳି ପଦକ୍ଷେପ ନେବା ଦରକାର ତାହାକୁ ଗୁରୁତ୍ୱ ଦେଇନାହାନ୍ତି ବୋଲି ପିସିସି ପକ୍ଷରୁ ଆସିଥିବା ଅନୁଧ୍ୟାନକାରୀ ଦଳ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ସଭାପତି ହେମନ୍ତ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଖବରଦାତା ସମ୍ମିଳନୀରେ ନେତୃବୃନ୍ଦମାନେ ଜଙ୍ଗଲରେ ଲାଗିଥିବା ନିଆଁ ଓ କାରଣ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଛନ୍ତି। ଅଭୟାରଣ୍ୟର କ୍ଷୟକ୍ଷତି ସମ୍ପର୍କରେ ବିସ୍ତୃତ ରିପୋର୍ଟ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଦେବା ସହିତ ରାଜ୍ୟ ସରକାରଙ୍କୁ ଅବଗତ କରିବେ ବୋଲି ଜିଲା ସଭାପତି ଦାସ ପ୍ରକାଶ କରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ କଂଗ୍ରେସର ଟାଉନ ସଭାପତି ଶାନ୍ତନୁ ପାଲ, ମହିଳା ସଭାନେତ୍ରୀ ସୁସ୍ମିତା ଘୋଷାଲ, ପୂର୍ବତନ ବିଧାୟକ ସୁରେନ୍ଦ୍ର ପ୍ରସାଦ ପରମାଣିକ, ଅରବିନ୍ଦ ଦାସ, ମୋତି ପ୍ରକାଶ ଦାଶ ଓ ତାରାକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ ।

# ଜଳୁଛି ଝରଣ ଜଙ୍ଗଲ

**ଯୋଡ଼ା, ୬।୩(ଡି.ଏନ୍.ଏ.)**

କେନ୍ଦୁଝର ଜିଲା ଚମ୍ପୁଆ ବନାଞ୍ଚଳ ଅଧୀନ ଯୋଡ଼ା ଫରେଷ୍ଟ ସେକ୍ସନର ବୈତରଣୀ ସଂରକ୍ଷିତ ଝରଣ ଜଙ୍ଗଲରେ ବ୍ୟାପକ ନିଆଁ ଲାଗି ଆଂଶିକ ବନାଞ୍ଚଳ ନଷ୍ଟ ହୋଇଯାଇଛି। ଯୋଡ଼ା ସହରର ଦକ୍ଷିଣ-ପୂର୍ବ ଦିଗରେ ଥିବା ମନମରା-ଝରଣ ଜଙ୍ଗଲରେ ଶନିବାର ଧୂଆଁ ଉଠୁଥିବାର ଦେଖି ସ୍ଥାନୀୟ ଅଞ୍ଚଳବାସୀ ବନ ବିଭାଗକୁ ଖବର କରିଥିଲେ। ବନ ବିଭାଗ ଏକ ଟିମ୍ ଗଠନ କରି ଫାୟାର୍ ବ୍ଲୋୟର ମେଶିନ୍ ବ୍ୟବହାର କରି ନିଆଁକୁ ଆୟତ୍ତରେ ଆଣିଥିଲା । ଯୋଡ଼ା ବନପାଳ ଅନିରୁଦ୍ଧ ପଣ୍ଡାଙ୍କ ସୂଚନା ଅନୁଯାୟୀ ଏହି ଜଙ୍ଗଲରେ ୧୫ଟି ହାତୀ ଅଛନ୍ତି। ଏହାକୁ ଦୃଷ୍ଟିରେ ରଖି ବନ ବିଭାଗ ଜଙ୍ଗଲ ନିଆଁକୁ ଆୟତ୍ତ କରିବାପାଇଁ ଉଦ୍ୟମ କରିଥିଲେ। ହାତୀପଲ ଉପରେ ନଜର ରଖିବା ପାଇଁ ୬ ଜଣିଆ ସ୍କ୍ୱାଡ ନିୟୋଜିତ କରାଯାଇଥିବା ବେଳେ ନିଆଁକୁ ଲିଭାଇବା ପାଇଁ ୯ ଜଣ ଫରେଷ୍ଟ ସ୍କ୍ୱାଡଙ୍କୁ କାର୍ଯ୍ୟରେ ଲଗାଯାଇଛି। ଶୁକ୍ରବାର ରାତିରେ ମଧ୍ୟ ଜଙ୍ଗଲରେ ନିଆଁ ଲାଗିଯାଇଥିଲା। ଏହାକୁ ରାତିରେ ହିଁ ଆୟତ୍ତ କରାଯାଇଥିଲା। ଜଙ୍ଗଲରେ ନିଆଁ ଲାଗିବା ମନୁଷ୍ୟକୃତ, ଯୋଡା ଅଞ୍ଚଳରୁ ମହୁଲ, ଗିଲିରି ଫୁଲ, ଦାନ୍ତକାଠି, ଶାଳ ପତ୍ର ସମେତ ବିଭିନ୍ନ ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହକାରୀମାନେ ବିଶୃଙ୍ଖଳିତ ହୋଇ ଶୁଖିଲା ପତ୍ରରେ ନିଆଁ ଲଗାଇ ଦେଉଥିବାରୁ ଏହି ନିଆଁ କ୍ରମଶଃ ଜଙ୍ଗଲକୁ ଜଳାଇ ଦେଉଛି। ତେଣେ ହାତୀପଲ ଥିବାରୁ ସେ ଜଙ୍ଗଲରେ ନିଆଁ ବ୍ୟାପିଲେ ହାତୀମାନଙ୍କ ପ୍ରତି ବିପଦ ହୋଇଥିବାରୁ ଏହାକୁ ବନ ବିଭାଗ ଯୁଦ୍ଧକାଳୀନଭିତ୍ତିରେ ନିୟନ୍ତ୍ରଣ କରୁଥିବା ପଣ୍ଡା କହିଛନ୍ତି। ସୂଚନାଯୋଗ୍ୟ ଯେ, ବିଛାକୁଣ୍ଡି, ମହାପର୍ବତ, ଗୁରୁବେଡା, ଜଜାଙ୍ଗ, ଗୁରୁଡୁଆଁ, ରୋଇଡା, ଖଣ୍ଡବନ୍ଧ, ଠାକୁରାଣୀ ପ୍ରଭୃତି ଜଙ୍ଗଲରେ ନିଆଁ ଲାଗି ବହୁ ପରିମିତ ବନାଞ୍ଚଳ ଧ୍ୱଂସ ପାଇଗଲାଣି।



## ଉଦ୍ୟମ ଚଳାଇଛି ବନବିଭାଗ

**କେନ୍ଦୁଝର, ୬।୩(ସ୍ୱ.ପ୍ର.)**

ବନ୍ୟପ୍ରାଣୀ ଡିଭିଜନ, ଆନନ୍ଦପୁର ଅଞ୍ଚଳରେ ହଦଗଡ ଅଭୟାରଣ୍ୟ ସମେତ ଅନ୍ୟାନ୍ୟ ଜଙ୍ଗଲରେ ନିଆଁ ଲାଗୁଥିବାରୁ ଏହାକୁ ରୋକିବା ବନ ବିଭାଗ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି । ଏନେଇ ବନବିଭାଗ କର୍ମଚାରୀ ସଚେତନ କରିବା ସହ ନିଆଁ ଲଗାଉଥିବା ଦୁର୍ବୃତ୍ତଙ୍କୁ ଧରିବା ସହ ନିଆଁ ଲିଭାଇବା ପାଇଁ ନିୟୋଜିତ ଦଳଙ୍କୁ ସହାୟତା କରୁଥିବା ଆନନ୍ଦପୁର ଡିଏଫ୍‌ଓ ଅଜିତ୍ ଶତପଥୀ ଟ୍ୱିଟ୍ କରି ସୂଚନା ଦେଇଛନ୍ତି।

# କେନ୍ଦ୍ରାପଡାରେ ଷ୍ଟିଲ ପ୍ରକଳ୍ପ ନିଷ୍ପତ୍ତିକୁ ବିରୋଧ



କେନ୍ଦୁଝରରେ ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ।

**କେନ୍ଦୁଝର, ୬।୩ (ସ୍ୱ.ପ୍ର./ଡି.ଏନ.ଏ.)**

କେନ୍ଦୁଝର ଜିଲାରେ ମେଗା ଇସ୍ପାତ କାରଖାନାକୁ ଅଗ୍ରାଧିକାର ଭିତ୍ତିରେ ଏବଂ କେନ୍ଦୁଝରବାସୀଙ୍କୁ ନିଯୁକ୍ତି ଦାବିରେ ଭାଜପା ଯୁବ ମୋର୍ଚ୍ଚା କେନ୍ଦୁଝର ପକ୍ଷରୁ ଶନିବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।ଦୀର୍ଘ ବର୍ଷ ହେଲା ଶ୍ରେଷ୍ଠ ପ୍ରଶାସକ ବୋଲାଉଥିବା ନବୀନ ସରକାରଙ୍କ ସ୍ଥିର ଶାସନ ସମୟରେ ଜିଲାକୁ ସବୁ କ୍ଷେତ୍ରରେ ଅବହେଳା କରାଯାଇଛି ବୋଲି ଭାଜପା ନେତୃବୃନ୍ଦ କହିଛନ୍ତି। ଖଣିଜସମ୍ପଦ ଭରା କେନ୍ଦୁଝର ଜିଲାରେ ଦେଢ ଶହ ଖଣିଖାଦନ ରହିଥିବା ସତ୍ତ୍ୱେ ଜିଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା କରାଯାଉନାହିଁ। ଦୀର୍ଘ ୨୦ ବର୍ଷ ହେଲା ଜିଲାରୁ ହଜାର ହଜାର ଟଙ୍କା ରାଜସ୍ୱ ନେଇଥିବା ରାଜ୍ୟ ସରକାର ଜିଲାବାସୀଙ୍କ ସ୍ୱାର୍ଥ ପ୍ରତି ବାରମ୍ବାର ଅଣଦେଖା କରିଆସୁଛନ୍ତି । ଆଗାମୀ ଦିନରେ ଏହାକୁ ନେଇ ରାଜ୍ୟରେ ଶାସନାଧୀନ ବିଜେଡି ସରକାର ବିରୋଧରେ ଆନ୍ଦୋଳନକୁ ଜୋରଦାର କରାଯିବ ବୋଲି ଚେତାବନୀ ଦିଆଯାଇଛି।

**ଚମ୍ପୁଆ, ୬।୩(ଡି.ଏନ.ଏ.):** ଖଣି ଖାଦାନ ପାଇଁ ପରିଚିତ କେନ୍ଦୁଝର ଜିଲାରେ ଦୀର୍ଘ ଦିନ ହେବ ଷ୍ଟିଲ ପ୍ଲାଣ୍ଟ ନିର୍ମାଣ ପାଇଁ ଦାବି ହୋଇ ଆସୁଥିବା ବେଳେ ରାଜ୍ୟ ସରକାର କେନ୍ଦ୍ରାପଡାରେ ମିତଲ କମ୍ପାନି ଷ୍ଟିଲ ପ୍ଲାଣ୍ଟ ନିର୍ମାଣ କରିବାକୁ ଏମଓୟୁ ସ୍ୱାକ୍ଷର କରିଛି। ଏହାକୁ ନେଇ କେନ୍ଦୁଝରକୁ ଅଣଦେଖା କରାଯାଇଥିବା ଚମ୍ପୁଆ ପ୍ରେସ କ୍ଲବ ଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କଂଗ୍ରେସ ପ୍ରଦେଶ ସଦସ୍ୟ ଗରୁବକ୍ସ ସିଂ ଆହ୍ଲୁୱାଲିଆ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସ୍ଥାନୀୟ ଅଞ୍ଚଳରେ ବେରୋଜଗାର ବଢିବା ସହିତ କାମ ଅନ୍ୱେଷଣରେ ବହୁ ଶ୍ରମିକ ବାହାର ରାଜ୍ୟକୁ ଚାଲି ଯାଉଛନ୍ତି। କଞ୍ଚାମାଲ ଭରପୁର ଥିବା ଜିଲାର ଯୋଡ଼ା, ବଡ଼ବିଲ ଅଞ୍ଚଳରୁ ନିୟମିତ କଞ୍ଚାମାଲ ବାହାରକୁ ରପ୍ତାନି କରାଯାଉଛି। ତେବେ ସରକାର ମିତଲ ଭଳି ରଷ୍ଟ୍ରାୟତ କମ୍ପାନୀକୁ କେନ୍ଦ୍ରାପଡ଼ା ପରିବର୍ତ୍ତେ କେନ୍ଦୁଝରରେ କରିବା କଥା। ଜନସାଧାରଣଙ୍କ ହିତ ଦୃଷ୍ଟିରୁ ଏହାକୁ ବିରୋଧ କରାଯିବ ବୋଲି ସେ ମତ ଦେଇଛନ୍ତି।



ଖବରଦାତା ସମ୍ମିଳନୀରେ କଂଗ୍ରେସ କର୍ମୀ।

## ରନ୍ଧାମଦ ସହ ପିକ୍‌ଅପ୍ ଜବତ: ଜଣେ ଗିରଫ

**ଭଦ୍ରକ ଅଫିସ, ୬।୩**

ଭଦ୍ରକ ଜିଲା ଅବକାରୀ ବିଭାଗର ଏକ ଟିମ୍ ଶନିବାର ଗ୍ରାମାଞ୍ଚଳ ଥାନା ତୋଡ଼ଙ୍ଗା ଗ୍ରାମ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ୮୫୦ ଲିଟର ଦେଶୀ ରନ୍ଧାମଦ ସହ ଏକ ପିକ୍‌ଅପ୍ ଭ୍ୟାନ୍ ଜବତ କରିଛି। ଏଥିସହ ତୋଡ଼ଙ୍ଗା ଗ୍ରାମର ବିବେକାନନ୍ଦ ଜେନାଙ୍କୁ ଗିରଫ କରାଯାଇଛି। ଏଥିରେ ସମ୍ପୃକ୍ତ ଅନ୍ୟ ଦୁଇଜଣ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ଜବତ ମଦର ଆନୁମାନିକ ମୂଲ୍ୟ ୨ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏନେଇ ଏକ ମାମଲା(ନଂ. ୪୬/୨୧) ରୁଜୁ କରାଯାଇଛି।

## ସଂକ୍ଷେପରେ

### ଡାକ୍ତରଙ୍କୁ ଦୁର୍ବ୍ୟବହାର: ଯୁବକ ଗିରଫ

**ବାରିପଦା ଅଫିସ,୬।୩:** କର୍ତ୍ତବ୍ୟରତ ଡାକ୍ତରଙ୍କୁ ଦୁର୍ବ୍ୟବହାର ଅଭିଯୋଗରେ ବାରିପଦା ଟାଉନ ଥାନା ପୋଲିସ ଶନିବାର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ହେଲେ ବାଘଡ଼ାରୋଡ୍ ସ୍ଥିତ ୱାର୍ଡ ନଂ. ୩ ର ପ୍ରିନ୍ସ ମହାନ୍ତି। ଏନେଇ ପୋଲିସ ଏକ ମାମଲା (ନଂ.୧୯୧/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ପ୍ରିନ୍ସ ଜିଲା ମୁଖ୍ୟ ଚିକିତ୍ସାଳୟରେ କାର୍ଯ୍ୟରତ ଜଣେ ମହିଳା ଡାକ୍ତରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ କରିବା ସହ ଧମକ ଦେଇଥିବା ଅଭିଯୋଗ ହୋଇଛି। ସମ୍ପୃକ୍ତ ଡାକ୍ତର ଏ ସମ୍ପର୍କରେ ମୁଖ୍ୟ ଚିକିତ୍ସାଧିକାରୀ ଡା. ପ୍ରିୟଦର୍ଶିନୀ ବେହେରାଙ୍କୁ ଜଣାଇବା ପରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି।

### ଆଜିଠୁ ରାଜ୍ୟସ୍ତରୀୟ ଶୀତ ଉତ୍ସବ

**ଖଇରା, ୬।୩(ଡି.ଏନ.ଏ.):** ଓଡିଶା ସଙ୍ଗୀତ ନାଟକ ଏକାଡେମୀ, ଜିଲା ପ୍ରଶାସନ ଓ ସଂସ୍କୃତି ପରିଷଦ ମିଳିତ ସହଯୋଗରେ ରବିବାରଠାରୁ ବାଲେଶ୍ୱର ଜିଲା ଅଧୀନ କୋଚିଆକୋଇଲି ପଡିଆରେ ୨ଦିନିଆ ରାଜ୍ୟସ୍ତରୀୟ ଶୀତ ଉତ୍ସବ ଅନୁଷ୍ଠିତ ହେବ। ବିଭିନ୍ନ ପ୍ରାନ୍ତରୁ ଭଳିକି ଭଳି ଲୋକକଳା ଶାସ୍ତ୍ରୀୟ ନୃତ୍ୟ ପ୍ରଦର୍ଶିତ ହେବ। ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ହେବାକୁ ଥିବା କାର୍ଯ୍ୟକ୍ରମରେ ମନ୍ତ୍ରୀ ଓ ପ୍ରଶାସକ ଯୋଗ ଦେବାର କାର୍ଯ୍ୟକ୍ରମ ଅଛି। ଏଥି ନିମିତ୍ତ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଶନିବାର କମିଟି କର୍ମକର୍ତ୍ତା ଅଶୋକ ଦାସମହାପାତ୍ର, ଶଶାଙ୍କଶେଖର ମହାପାତ୍ର, ସୁଶାନ୍ତ ନାୟକ, ମୁକେଶ କୁମାର ଜେନା, ରାକେଶ ଗଦାଧର ବରାଳ, ମାନସ ମହାପାତ୍ର, ବାବାଜୀ ସାହୁ, ରଶ୍ମିତା ମହାପାତ୍ର, ଜୟନ୍ତୀ ମହଲାଙ୍କ ଉପସ୍ଥିତିରେ ଅନୁଷ୍ଠିତ ହୋଇଥିଲା।

### ଶିମିଳିପାଳର ସୁରକ୍ଷା ପାଇଁ ସେବାୟତ ଜାଳିଲେ ଦୀପ

**ବାରିପଦା ଅଫିସ,୬।୩:** ମୟୂରଭଞ୍ଜ ଜିଲା ଶିମିଳିପାଳ ଜୈବ ମଣ୍ଡଳରେ ଲାଗିଥିବା ନିଆଁରେ ନିରୀହ ଜୀବଜନ୍ତୁଙ୍କୁ ରକ୍ଷା କରିବା ଉଦ୍ଦେଶ୍ୟରେ ବାରିପଦା ସ୍ଥିତ ହରିବଳଦେବଜୀଉ ଜଗନ୍ନାଥ ମନ୍ଦିର ସମ୍ମୁଖରେ ସେବାୟତମାନେ ଦୀପ ଜାଳି ପ୍ରାର୍ଥନା କରିଛନ୍ତି। ପ୍ରଭୁଙ୍କ ଅପାର କରୁଣା ଜଙ୍ଗଲ ଉପରେ ପଡୁ ବୋଲି ସେମାନେ ଜଗତର ନାଥ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ।

### କୃତୀ ଛାତ୍ରୀ ସମ୍ବର୍ଦ୍ଧିତ

**ଢେଙ୍କିକୋଟ, ୬।୩(ଡି.ଏନ.ଏ.):** ଏନ୍‌ଆର୍‌ଟିଏସ୍ (ଜାତୀୟ ଗ୍ରାମୀଣ ମେଧାବୃତ୍ତି) ପରୀକ୍ଷା ଫଳ ଗତ ଶୁକ୍ରବାର ପ୍ରକାଶିତ ହୋଇଛି। ଏହି ପରୀକ୍ଷାରେ କେନ୍ଦୁଝର ଜିଲା ଘଟଗାଁ ବ୍ଲକ ଢେଙ୍କିକୋଟ ସରକାରୀ ବାଳିକା ହାଇସ୍କୁଲର ଛାତ୍ରୀ ବନ୍ୟା ଷଡଙ୍ଗୀ ବ୍ଲକରେ ୧୦ ଜଣଙ୍କ ମଧ୍ୟରୁ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ଉକ୍ତ ସ୍କୁଲର ଛାତ୍ରୀ ମୌସୁମୀ ପାତ୍ର ୯ମ ସ୍ଥାନ ଅଧିକାର କରିଛନ୍ତି। ଦୁଇ ଛାତ୍ରୀଙ୍କୁ ଶନିବାର ପୂର୍ବାହ୍ନ ୧୦ଟାରେ ସ୍କୁଲ ପରିସର ମଧ୍ୟରେ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

### ୮ରେ ରାଜରାସ୍ତାକୁ ଓହ୍ଲାଇବେ ଚାଷୀ

**ଭଣ୍ଡାରିପୋଖରୀ,୬।୩(ଡି.ଏନ.ଏ):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଚାଷୀମାନେ ସମିତିକୁ ଧାନ ବିକ୍ରି ଟାର୍ଗେଟ ଆସୁ ନ ଥିବାରୁ ଜାତୀୟ ରାଜପଥ ଅବରୋଧ ପାଇଁ ନିଷ୍ପତ୍ତି ନେଇଛନ୍ତି। ଗତ ୨ ତାରିଖରେ ଚାଷୀ ଓ ପ୍ରଶାସନର ମିଳିତ ବୈଠକରେ ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରାଯାଉ ନ ଥିବା ଅଭିଯୋଗ କରି ଅସନ୍ତୋଷ ପ୍ରକାଶ ପାଇଛି। ସ୍ଥାନୀୟ ପୋଲିସ ମଧ୍ୟସ୍ଥତାରେ ନିଷ୍ପତ୍ତି ଅନୁସାରେ ଦୁଇଦିନ ମଧ୍ୟରେ ଟାର୍ଗେଟ୍ ଆସିବା କଥା। କିନ୍ତୁ ଆଜି ଯାଏ ଟାର୍ଗେଟ ଆସିନାହିଁ। ଧାନବିକ୍ରି ସମସ୍ୟାର ସମାଧାନ ପାଇଁ ଦିଆଯାଇଥିବା ସାତଦିନ ସମୟ ଶେଷ ହେବାକୁ ବସିଥିବା ବେଳେ ଚାଷୀ ପାଇଥିବା ଟୋକନର ଅବଧି ମଧ୍ୟ ସରିଯାଇଛି। ଟୋକନଗୁଡ଼ିକ କ'ଣ ହେବ ସେଥିନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଚାଷୀମାନେ ବିଶ୍ୱାସ ହରାଇଛନ୍ତି। ଏହାକୁ ଦୃଷ୍ଟିରେ ରଖି ଆସନ୍ତା ୮ ତାରିଖରେ ରାଜପଥ ଅବରୋଧ କରିବେ ବୋଲି ଚାଷୀ ରାମଚନ୍ଦ୍ର ସେନାପତି, ଶଶୀରଞ୍ଜନ ନାୟକ, ଜୟନ୍ତ ସାହୁ ପ୍ରମୁଖ ପ୍ରଶାସନକୁ ଲିଖିତ ଭାବେ ଜଣାଇଛନ୍ତି।

## କବିତା ଗ୍ରନ୍ଥ 'ସଂକ୍ଷିପ୍ତ ୧୫୧' ଓ 'ଅଣନାୟକ' ଲୋକାର୍ପିତ

**ବାସୁଦେବପୁର,୬।୩(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ସ୍ନେହା ରେସିଡେନ୍ସି ପରିସରରେ ଶନିବାର କବି ଅରୁଣ ସାହୁଙ୍କ ୨ଟି କବିତା ଗ୍ରନ୍ଥ ୨ଟି କବିତା ଗ୍ରନ୍ଥ 'ସଂକ୍ଷିପ୍ତ ୧୫୧' ଓ 'ଅଣନାୟକ' ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସମାଲୋଚକ ଡ. ଆଦିକନ୍ଦ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି କଥାଶିଳ୍ପୀ ଡ. ଗୌରହରି ଦାସ, କାହାଣୀର ସମ୍ପାଦକ ତଥା ଓଡ଼ିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଚିବ ବିଜୟ ନାୟକ, ଅନ୍ୟତମ ଅତିଥି ଭାବେ କଥାଶିଳ୍ପୀ ଡ. ଅରବିନ୍ଦ ରାୟ, ସାଗରିକା ପତ୍ରିକାର ସମ୍ପାଦକ ସୈରିନ୍ଧ୍ରୀ ସାହୁ ଓ କବି ଅକ୍ଷୟ ବେହେରା ଯୋଗ ଯୋଗ ଦେଇଥିଲେ। ପକ୍ଷୀଘର ସମ୍ପାଦକ ବନୋଜ ତ୍ରିପାଠୀ ଅତିଥି ପରିଚୟ ଓ କବି ଅରୁଣ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଈଶ୍ୱର ସାହୁ ଫାଉଣ୍ଡେଶନ ପ୍ରାୟୋଜିତ ତଥା ପକ୍ଷୀଘର ପ୍ରକାଶନୀ ଆୟୋଜିତ ଏହି ଉତ୍ସବରେ ବାସୁଦେବପୁରର ୨୨ ସାହିତ୍ୟ ଅନୁଷ୍ଠାନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବାହ୍ନରେ ଅବସରପ୍ରାପ୍ତ ପ୍ରଧାପକ ଡ. ସନାତନ ନାୟକଙ୍କ ସଭାପତିତ୍ୱରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ସ୍ୱାମୀଜୀ ମହାପ୍ରସାଦ ଯୋଗ ଦେଇଥିଲେ। କବିତା ସଂଯୋଜନା କରିଥିଲେ ସଦାନନ୍ଦ ପାଣିଗ୍ରାହୀ। ବିକାଶ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଚରମ୍ପା କ୍ରିକେଟ ଏକାଡେମୀ ବିଜୟୀ

**ଭଦ୍ରକ ଅଫିସ,୬।୩**

ଭଦ୍ରକ ଚରମ୍ପା ସ୍ଥିତ ଇଷ୍ଟକୋଷ୍ଟ ରେଲୱେ ପଡ଼ିଆରେ ଓଡ଼ିଶା କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଭିଜନ-୨୦୨୪କୁ ନେଇ ଚାଲିଥିବା ଆନ୍ତଃ ଜିଲା କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଚତୁର୍ଥ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୂର୍ଯ୍ୟଶିଖା କ୍ରିକେଟ କ୍ଲବକୁ ହରାଇଛି ଚରମ୍ପା କ୍ରିକେଟ ଏକାଡେମୀ। ସାହିଲ ଖାନଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ କରାଯାଇଥିଲା।

# ଗଳା ପୋଲରେ ଟ୍ରାଫିକ ଜାମ୍

**ବୈଶିଙ୍ଗା,୬।୩(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅନ୍ତର୍ଗତ ବୈଶିଙ୍ଗା ବଜାର ଅଞ୍ଚଳରେ ୧୮ନଂ. ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ ନିର୍ମାଣ କରାଯାଇଥିବା ବାଇପାସ୍ ଓଭରବ୍ରିଜ୍‌ର ଗଳା ପୋଲ ଯୋଗୁ ସମସ୍ୟା ବଢ଼ିବାରେ ଲାଗିଛି। ବାଇପାସ୍ ନିର୍ମାଣ ସମୟରେ ପାରିପାର୍ଶ୍ୱିକ ତଥା ଭୌଗୋଳିକ ସ୍ଥିତି ପ୍ରତି ଦୃଷ୍ଟି ଦିଆ ଯାଇ ନ ଥିବା ଓ ଦୂରଦର୍ଶିତା ଅଭାବରୁ ଏଭଳି ସମସ୍ୟା ଦେଖାଦେଇଥିବା ଲୋକେ ଅଭିଯୋଗ କରିଛନ୍ତି। ଏହି ବଜାର ଅଞ୍ଚଳରେ ହଜାରେରୁ ଅଧିକ ଦୋକାନ ଥିବା ବେଳେ ୨୦ହଜାରରୁ ଊର୍ଦ୍ଧ୍ୱ ଲୋକ ଚଳପ୍ରଚଳ କରିଥାନ୍ତି।

ବୈଶିଙ୍ଗା ଠାରୁ ମାତ୍ର ୧୦ କି.ମି ଦୂରରେ ବାଲେଶ୍ୱର ଜିଲା ରୂପସା ରେଳ ଷ୍ଟେଶନ ଅବସ୍ଥିତ। ରୂପସା ନିକଟରେ ଅଛି ହାଓଡା-ଚେନ୍ନାଇ ୬୦ନଂ. ଜାତୀୟ ରାଜପଥ। ଏହି ଜାତୀୟ ରାଜପଥରୁ ଭାରୀଯାନଗୁଡ଼ିକ ଆସି ବୈଶିଙ୍ଗା ନିକଟରେ୧୮ନଂ. ଜାତୀୟ ରାଜପଥକୁ ଉଠି ନିଜ ନିଜର ଗନ୍ତବ୍ୟ ସ୍ଥଳକୁ ଯାଇଥାନ୍ତି। ଏହା ବ୍ୟତୀତ ବୈଶିଙ୍ଗାଠାରୁ ମାତ୍ର ୮କି.ମି ଦୂରରେ ଥିବା ଏଫ୍‌ସିଆଇ ଗୋଦାମରୁ ଖାଦ୍ୟ ଶସ୍ୟ ନେଇ ଦୈନିକ ବହୁ ସଂଖ୍ୟକ ଭାରୀଯାନ ଏହି ରୂପସା-ବୈଶିଙ୍ଗା ଏମଡିଆର୍ ୭୦ନଂ ରାସ୍ତାରେ ଆସି ୧୮ନଂ. ଜାତୀୟ ରାଜପଥକୁ ଉଠିବା ନିମନ୍ତେ ବୈଶିଙ୍ଗା ବଜାର ମଧ୍ୟରେ ଥିବା ଏକ ମାତ୍ର ଗଳା ପୋଲ ନିକଟରେ ଭିଡ଼ ସୃଷ୍ଟି କରି ଥାଆନ୍ତି। ଅପରପକ୍ଷରେ ଉଦଳାଠାରୁ ଖୁଣ୍ଟା, ବଡ଼ସାହି ଓ ପର୍ଯ୍ୟଟନସ୍ଥଳୀ ଶୈବପୀଠ ମାଣଡ୍ରୀ ହୋଇ ଏକ ବ୍ୟସ୍ତବହୁଳ ରାସ୍ତା ବୈଶିଙ୍ଗାଠାରେ ଏହି ଜାତୀୟ ରାଜପଥକୁ ସଂଯୋଗ କରିଛି। ତେଣୁ ସବୁ ଯାନବାହାନଗୁଡ଼ିକ ବୈଶିଙ୍ଗା ବଜାର ସ୍ଥିତ ଏକମାତ୍ର ଗଳା ପୋଲ ଅତିକ୍ରମ କରି ଆସି ଥାଆନ୍ତି। ଏଭଳି ସ୍ଥିତିରେ ଉଭୟ ଦିଗରୁ ଆସୁଥିବା ଯାନବାହାନଗୁଡ଼ିକ ଯୋଗୁ ପୋଲ ନିକଟରେ ଭିଡ଼ ନିୟନ୍ତ୍ରଣ କରିବା ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଆଗାମୀ ଦିନରେ ଏହି ସମସ୍ୟା ସ୍ଥାନୀୟ ବାସିନ୍ଦାଙ୍କ ନିମନ୍ତେ ଅଧିକ ଯନ୍ତ୍ରଣା ଦାୟକ ହେବା



ଗଳାପୋଲଠାରେ ଭିଡ଼ ଜମିଛି।

### ଦିନକୁ ଦିନ ବଢୁଛି ସମସ୍ୟା

ପୂର୍ବରୁ ଏନ୍‌ଏଚ୍ କର୍ତ୍ତୃପକ୍ଷ ଏବଂ ଜିଲା ପ୍ରଶାସନ ଆଉ ଦୁଇଟି ଗଳାପୋଲ ନିର୍ମାଣ ଦିଗରେ ଦୃଷ୍ଟି ଦେବା ଜରୁରୀ ବୋଲି ବୈଶିଙ୍ଗା ପଞ୍ଚାୟତ ସରପଞ୍ଚ ଇନ୍ଦ୍ରାବତୀ ମୁର୍ମୁ ଓ କେନ୍ଦୁଆ ପଞ୍ଚାୟତର ସରପଞ୍ଚ ସ୍ନିଗ୍ଧାରାଣୀ ଦାବି କରିଛନ୍ତି। ଏସଂକ୍ରାନ୍ତରେ ବେତନଟୀ ତହସିଲଦାର ସଂଗ୍ରାମ କେଶରୀ ପରିଡ଼ାଙ୍କୁ ପଚାରିବାରୁ ଏ ବାବଦରେ ସେ ଜାତୀୟ ରାଜପଥ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି। ତେବେ ବହୁ ପୂର୍ବରୁ ଫ୍ଲାଏ ଓଭରବ୍ରିଜ ନିର୍ମାଣ ସମୟରେ ଏଠାରେ ଦୁଇଟି ଗଳାପୋଲ ନିର୍ମାଣ କରାଯିବା ନିମନ୍ତେ ଜାତୀୟ ରାଜପଥ ବାଲେଶ୍ୱର ଜୋନ ପ୍ରକଳ୍ପ ନିର୍ଦ୍ଦେଶକ ପି.ନାଗେଶ୍ୱର ରାଓଙ୍କଠାରେ ବୈଶିଙ୍ଗା ବିକାଶ ମଞ୍ଚ ପକ୍ଷରୁ ଦାବି କରାଯାଇ ଥିଲେ ହେଁ କର୍ତ୍ତୃପକ୍ଷ ଏଥିପ୍ରତି ଗୁରୁତ୍ୱ ଦେଇ ନାହାନ୍ତି ବୋଲି ଆବାହକ ବିବେକାନନ୍ଦ ପଣ୍ଡା ଅଭିଯୋଗ କରିଛନ୍ତି।

## ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ବିଡିଓ ସମ୍ବର୍ଦ୍ଧିତ

ପାଟଣା,(ସ୍ୱ.ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ମହାତ୍ମାଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବର୍ଷ୨୦-୨୧ ଆର୍ଥିକ ବର୍ଷରେ ଜିଲାରେ ସର୍ବାଧିକ ୧୩ ଲକ୍ଷରୁ ଊର୍ଦ୍ଧ୍ୱ କର୍ମ ଦିବସ ସୃଷ୍ଟି କରିଥିବାରୁ ଶୁକ୍ରବାର ଜିଲା ପ୍ରଶାସନ ଓ ଗ୍ରାମ ଉନ୍ନୟନ ସଂସ୍ଥା ପକ୍ଷରୁ ପାଟଣା ବ୍ଲକକୁ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦୁଝର ଦରବାର ହଲ୍‌ଠାରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦୁଝର ଜିଲାପାଳ ଆଶିଷ କୁମାର ଠାକରେ ଯୋଗ ଦେଇ ପାଟଣା ବିଡିଓ ଈଶ୍ୱର ଚନ୍ଦ୍ର ନାଏକଙ୍କୁ ମାନପତ୍ର , ଅଙ୍ଗବସ୍ତ୍ର ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଛନ୍ତି।

## ଆଜି କ'ଣ କେଉଁଠି

**ବାଲେଶ୍ୱର**

- ବାଲେଶ୍ୱର ସରକାରୀ ମେଡ଼ିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ସପ୍ତମ ଆଞ୍ଚଳିକ ସମ୍ମିଳନୀ। ସ୍ଥାନ: ଗୌରୀଶଙ୍କର ମଣ୍ଡପ, ମାଧିପୁର, ରେମୁଣା। ସମୟ: ପୂର୍ବାହ୍ନ ୧୦ଟା।
- ମିଷ୍ଟର ବାଲେଶ୍ୱର ବଡିବିଲ୍ଡିଂ ଚାମ୍ପିୟନଶିପ୍-୨୦୨୧। ସ୍ଥାନ: ଗାନ୍ଧୀ ସ୍ମୃତି ଭବନ। ସମୟ: ସନ୍ଧ୍ୟା ୬ଟା।
- ୭ମ ସିମୁଳିଆ ମହୋତ୍ସବ। ସ୍ଥାନ: ମାର୍କୋଣା ରାବଣପୋଡ଼ି ପଡ଼ିଆ। ସମୟ: ସନ୍ଧ୍ୟା ୬ଟା।
- ପାନୀୟଜଳ ପ୍ରକଳ୍ପ ଉଦ୍‌ଘାଟନ। ସ୍ଥାନ: ଖଇରା ବ୍ଲକର ରଫାୟାତପୁର। ସମୟ: ଅପରାହ୍ନ ୪ଟା।
- ବିଦ୍ୟୁତ ଗ୍ରୀଡ ଉଦ୍‌ଘାଟନ। ସ୍ଥାନ: ଖଇରା ବ୍ଲକର ଝାଟିଆ। ସମୟ: ଅପରାହ୍ନ ୪ଟା ୪୫ ମିନିଟ୍।
- ନୂତନ ପଞ୍ଚାୟତ ଗୃହ ଉଦ୍‌ଘାଟନ। ସ୍ଥାନ: ସୁଣ୍ଡିରା। ସମୟ: ଅପରାହ୍ନ ୫ଟା।
- ମହିଳା ସଶକ୍ତିକରଣ କର୍ମଶାଳା। ସ୍ଥାନ: ସଦ୍‌ଜ୍ଞାନ ଜାଗୃତି ସେବାଶ୍ରମ, ମଥାନୀ, ବସ୍ତା। ସମୟ: ଅପରାହ୍ନ ୪ଟା।

**ମୟୂରଭଞ୍ଜ**

- ମୟୂରଭଞ୍ଜ ପ୍ରିମିୟର ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଏବଂ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ। ସ୍ଥାନ: ବାରିପଦା ଷ୍ଟାଡିୟମ। ସମୟ: ସନ୍ଧ୍ୟା ୭ଟା।

**ଭଦ୍ରକ**

- ହଂସଧ୍ୱନି ସଙ୍ଗୀତ ନୃତ୍ୟ ଉତ୍ସବ। ସ୍ଥାନ: ନୀଳମଣି ଟାଉନ ହଲ୍, ବାସୁଦେବପୁର। ସମୟ: ସନ୍ଧ୍ୟା ୬ଟା।

# ସାମୁଦ୍ରିକ ଜୈବବିଜ୍ଞାନ କ୍ଷେତ୍ରରେ ନୂଆ ଅଧ୍ୟାୟ

### ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟରେ ଖୋଲିଲା ସାମୁଦ୍ରିକ ଜୈବବିଜ୍ଞାନ, ଜୈବପ୍ରଯୁକ୍ତିବିଦ୍ୟା କେନ୍ଦ୍ର

ବାଲେଶ୍ୱର ଅଫିସ, ୬।୩

ବାଲେଶ୍ୱର ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ପରିସରରେ ଶନିବାର ସାମୁଦ୍ରିକ ଜୈବବିଜ୍ଞାନ ଓ ଜୈବ ପ୍ରଯୁକ୍ତି ବିଦ୍ୟାକେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗଦେଇ କହିଛନ୍ତି, ସାମୁଦ୍ରିକ ଜୈବବିଜ୍ଞାନ ଓ ଜୈବପ୍ରଯୁକ୍ତି ବିଦ୍ୟାର ଅଧ୍ୟୟନ ଓ ଗବେଷଣା ନିମନ୍ତେ ପ୍ରଶସ୍ତକ୍ଷେତ୍ର ଯୋଗାଇବାରେ ବିଶ୍ୱବିଦ୍ୟାଳୟ ସମର୍ଥ। ଏହି ସାମୁଦ୍ରିକ ଜୈବବିଜ୍ଞାନ କ୍ଷେତ୍ରରେ ଭାରତର ସାମର୍ଥ୍ୟ ରହିଥିବା ହେତୁ ସାମୁଦ୍ରିକ ମତ୍ସ୍ୟ ଉତ୍ପାଦନ, ଶୈବାଳ, ନୀଳରକ୍ତ କଙ୍କଡ଼ା ଓ ଅନ୍ୟାନ୍ୟ ସାମୁଦ୍ରିକ ଜୀବଗୁଡ଼ିକର ଗବେଷଣା ଲାଗି କେନ୍ଦ୍ର ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଏହି କେନ୍ଦ୍ର ପାଇଁ ଆବଶ୍ୟକ ଆର୍ଥିକ ସହାୟତା ଯୋଗାଇ ଦିଆଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି।

ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଦୀନବନ୍ଧୁ ସାହୁ ଉତ୍ସବରେ ସଭାପତିତ୍ୱ କରି ଓଡ଼ିଶାର ଦୀର୍ଘ ୪୮୦ କି.ମି. ବ୍ୟାପୀ ଉପକୂଳ ରହିଛି। ଯାହା ସାମୁଦ୍ରିକ ଜୈବଉତ୍ସରେ ପରିପୂର୍ଣ୍ଣ। କିନ୍ତୁ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟାର ଅଭାବ, ମାନବ ସମ୍ବଳର ଅଭାବ ହେତୁ ତାହା ବିନିଯୋଗ ହୋଇପାରୁନାହିଁ। ଜୈବପ୍ରଯୁକ୍ତି ବିଦ୍ୟାର ଉଜ୍ଜ୍ୱଳ ଭବିଷ୍ୟତ ରହିଛି ଓ ଏହି ଗବେଷଣା କେନ୍ଦ୍ର କେବଳ ଓଡ଼ିଶା ଉପକୂଳରେ ନୁହେଁ ଚିଲିକା ଜଳରାଶିର ଜୈବ ସନ୍ତୁଳନରେ ସହାୟକ ହେବ ବୋଲି ସେ କହିଥିଲେ। ଏହି ଅବସରରେ ଦୁଇଜଣ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରି ଉକ୍ତ ଗବେଷଣା ପ୍ରତିଷ୍ଠାନକୁ ବିଶ୍ୱସ୍ତରୀୟ ମାନ୍ୟତା ଦେବା ସହ ଓଡ଼ିଶାର ଗୌରବ ଆଣିବାରେ ସହାୟକ ହେବା ପାଇଁ ପ୍ରସ୍ତାବ ରଖିଥିଲେ।



ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, ଉଚ୍ଚ ଶିକ୍ଷାମନ୍ତ୍ରୀ ଅରୁଣ ସାହୁ, ବିଧାୟକ ସ୍ୱରୂପ ଦାସ ଓ କୁଳପତି ପ୍ରଫେସର ଦୀନବନ୍ଧୁ ସାହୁ ଓ ଅନ୍ୟମାନେ।

ଏହା ଭବିଷ୍ୟତରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସାମୁଦ୍ରିକ ଜୈବବିଜ୍ଞାନ ଓ ଜୈବ ପ୍ରଯୁକ୍ତି ବିଦ୍ୟା ଅନୁଷ୍ଠାନ ସହ ସହବନ୍ଧନ ପ୍ରତିଷ୍ଠା କରାଯାଇପାରିବ ବୋଲି କହିଥିଲେ। ଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଯୋଗଦେଇ ବିଦ୍ୟାର୍ଥୀମାନଙ୍କୁ ସମ୍ବୋଧନ କରି ପାଠ୍ୟପୁସ୍ତକ ବହିର୍ଭୂତ ବିଷୟବସ୍ତୁ ଅଧ୍ୟୟନର ପରିସରଭୁକ୍ତ କରି ଜ୍ଞାନଅର୍ଜନ ମାଧ୍ୟମରେ ସମାଜ ତଥା ବିଶ୍ୱର କଲ୍ୟାଣକର କାର୍ଯ୍ୟ ନିମନ୍ତେ ବିନିଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ସଭା ଆରମ୍ଭ ପୂର୍ବରୁ ମନ୍ତ୍ରୀ ଡ. ସାହୁ ବିଶ୍ୱବିଦ୍ୟାଳୟ ପରିସର ପରିଦର୍ଶନ କରି ବିଦ୍ୟାର୍ଥୀ ଓ ଶିକ୍ଷକମାନଙ୍କୁ ସାକ୍ଷାତ୍ କାଳରେ ସେମାନଙ୍କର ସମସ୍ତ ସୁବିଧା ଓ ବିଶ୍ୱବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ନିମନ୍ତେ ସମସ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ଅବସରରେ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଉପସ୍ଥିତ ଥିଲେ। ଶେଷରେ କୁଳସଚିବ ମାନସ କୁମାର ପାତ୍ର ଧନ୍ୟବାଦ ଦେଇଥିଲେ।

# ଢାବାରେ ଫାଙ୍କା ଗୁଳିଚାଳନା

### କର୍ମଚାରୀଙ୍କୁ ତେଲଙ୍ଗା କଟୁରିରେ ଆକ୍ରମଣ, ୩ ଆହତ

ରୂପ୍‌ସା, ୬।୩(ଡି.ଏନ.ଏ.)

ବାଲେଶ୍ୱର ୬୦ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ସଦର ବ୍ଲକ ଅଧୀନ ଏକ ଢାବାରେ ଶୁକ୍ରବାର ବିଳମ୍ବିତ ରାତିରେ ଫାଙ୍କା ଗୁଳିଚାଳନା କରାଯାଇଛି। ଏହାସହ ଦୁର୍ବୃତ୍ତମାନେ ତେଲେଙ୍ଗା କଟୁରୀରେ ମରଣାନ୍ତକ ଆକ୍ରମଣ କରିବା ଯୋଗୁ ୩ଜଣ ଆହତ ହୋଇଛନ୍ତି। ହୋଟେଲ ମାଲିକ ପ୍ରହ୍ଲାଦ ଦାସଙ୍କ ଅଭିଯୋଗକ୍ରମେ ବସ୍ତା ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି।

ପ୍ରାୟ ୧୫ଦିନ ପୂର୍ବରୁ ଏକ ବାଇକ୍‌ରେ ୨ଜଣ ଯୁବକ ନିଶାଗ୍ରସ୍ତ ଅବସ୍ଥାରେ ହୋଟେଲକୁ ଆସି ଗଣ୍ଡଗୋଳ କରିଥିଲେ। ମାଲିକ ଓ କର୍ମଚାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ ସହ ମାର୍‌ପିଟ୍ କରିଥିଲେ। ଢାବା କର୍ମଚାରୀମାନେ ମଧ୍ୟ ସେମାନଙ୍କୁ ପାଲଟା ଜବାବ ଦେବାରୁ ଦୁର୍ବୃତ୍ତମାନେ ଧମକ ଦେଇ ପଳାଇଥିଲେ। ଶୁକ୍ରବାର ରାତି ପ୍ରାୟ ଗୋଟାଏ ବେଳେ ଏକ ବୋଲେରୋରେ ୮ଜଣ ଦୁର୍ବୃତ୍ତ ଆସି ହୋଟେଲ ଭିତରକୁ ପଶିଥିଲେ। ଏକ ରାଉଣ୍ଡ ଫାଙ୍କା ଗୁଳିଚାଳନା କରିବା ସହ ହୋଟେଲରେ ଥିବା ୩ଜଣ କର୍ମଚାରୀଙ୍କୁ ତେଲେଙ୍ଗା କଟୁରୀରେ ଆକ୍ରମଣ କରିଥିଲେ। ରୋଷେୟା ବସ୍ତା ଥାନା ସୋଲପଟା ଗ୍ରାମର ମନୋରଞ୍ଜନ ନାୟକ, କର୍ମଚାରୀ ପଳାସିଆ ଗ୍ରାମର ବାଳକୃଷ୍ଣ ଦାସ ଓ ସେଲ୍‌ସମ୍ୟାନ୍ ରେମୁଣା ଥାନା କଲ୍ୟାଣପୁର ଗ୍ରାମର ସ୍ମୃତିରଞ୍ଜନ ଦାସ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ବସ୍ତା ଥାନା ଆଇଆଇସି ଅଶୋକ ନାୟକ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ସେ ସୂଚନା ଦେଇଛନ୍ତି।

# ଜଗନ୍ନାଥ ମନ୍ଦିର ସୌନ୍ଦର୍ଯ୍ୟକରଣ ଲାଗି ମାଷ୍ଟରପ୍ଲାନ

ବାରିପଦା ଅଫିସ, ୬।୩

ଦ୍ୱିତୀୟ ଶ୍ରୀକ୍ଷେତ୍ର ବାରିପଦା ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେ ଜଗନ୍ନାଥ ମନ୍ଦିରର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ ପାଇଁ ମାଷ୍ଟରପ୍ଲାନ ପ୍ରସ୍ତୁତି ସରିଛି। ଓଡ଼ିଶା ବ୍ରିଜ୍ କନଷ୍ଟ୍ରକ୍ସନ କର୍ପୋରେଶନ ପକ୍ଷରୁ ୧୧ଟି ଫଟୋ ସମ୍ବଳିତ ପ୍ରସ୍ତାବିତ ପ୍ଲାନ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଭକ୍ତଙ୍କ ମଧ୍ୟରେ ଆନନ୍ଦ ଉଲ୍ଲାସ ଦେଖାଦେଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟ ପାଇଁ ୫କୋଟି ଟଙ୍କା ଅନୁଦାନ ପ୍ରଦାନ କରିଥିବା ବେଳେ ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ଯୋଜନାରେ ମନ୍ଦିର, ବେଢ଼ା ମଧ୍ୟରେ ଥିବା ମନ୍ଦିରଗୁଡ଼ିକର ସୌନ୍ଦର୍ଯ୍ୟକରଣ, ନାଟମନ୍ଦିର, ଗର୍ଭଗୃହ, ସେବାୟତ ଗୃହ,


ପ୍ରସ୍ତୁତ ହୋଇଥିବା ମାଷ୍ଟରପ୍ଲାନ।

ମନ୍ଦିର ପରିଚାଳନା ଗୃହ, ରଥଖଳା, ପର୍ଯ୍ୟଟକଙ୍କ ନିମନ୍ତେ ବିଶ୍ରାମ ଗୃହ, ରୋଷଶାଳା, ନାଗରାଭାଡ଼ି ଗୃହ, ରାହାସ ମଣ୍ଡପ ମନ୍ଦିରର ଭିତର ବାହାର ବିଛାଣି ଓ ପାଚେରି ତଥା ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆଦି ପ୍ରସ୍ତାବିତ ମାଷ୍ଟରପ୍ଲାନରେ ରହିଛି। ଅନ୍ୟପଟେ ଏଥିପାଇଁ ମନ୍ଦିର ସମ୍ମୁଖରୁ ଉଚ୍ଛେଦ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ମନ୍ଦିରର ପୂର୍ବ ଐତିହ୍ୟ ଓ ନିର୍ମାଣକୁ ଅକ୍ଷୁଣ୍ଣ ରଖି ରଥଯାତ୍ରା ପୂର୍ବରୁ ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ପାଇଁ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ମୟୂରଭଞ୍ଜ ଜିଲା ପର୍ଯ୍ୟବେକ୍ଷକ ପ୍ରଣବ ପ୍ରକାଶ ଦାସ ନିର୍ଦ୍ଦେଶ ଦେଇଛନ୍ତି।

# କନ୍ୟାଶ୍ରମର ୨ ଅନ୍ତେବାସୀ ବସ୍‌ଷ୍ଟାଣ୍ଡରୁ ଉଦ୍ଧାର

ବାଲେଶ୍ୱର ଅଫିସ, ୬।୩

ବାଲେଶ୍ୱର ବସ୍‌ଷ୍ଟାଣ୍ଡରେ ଦୁଇ ଆଶ୍ରମ ଅନ୍ତେବାସୀଙ୍କୁ ପୋଲିସ ଉଦ୍ଧାର କରିଛି। ଉଭୟଙ୍କୁ ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)କୁ ହସ୍ତାନ୍ତର କରାଯାଇଛି। ସୋର ଅଞ୍ଚଳରେ ଥିବା କନ୍ୟାଶ୍ରମରୁ ୨ଜଣ ଅନ୍ତେବାସୀ ହଠାତ୍ କେଉଁଆଡ଼େ ଚାଲିଯାଇଥିଲେ। ଶନିବାର ପୂର୍ବାହ୍ନ ୧୦ଟା ବେଳେ ସେମାନେ ବସ୍‌ଷ୍ଟାଣ୍ଡରେ ବସି କାନ୍ଦୁଥିବା ବେଳେ କନ୍ୟାଶ୍ରମର ସୁପରିଣ୍ଟେଣ୍ଡେଣ୍ଟ ସେଠାରେ ପହଞ୍ଚି ଉଭୟଙ୍କୁ ଗାଳିଗୁଲଜ କରିଥିଲେ। ସ୍ଥାନୀୟ ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଉଭୟଙ୍କୁ ସହଦେବଖୁଣ୍ଟା ଥାନାକୁ ଆଣିଥିଲା। ଉଦ୍ଧାର ଦୁଇ ନାବାଳିକା ନିର୍ଯାତନାରେ ଶୀକାର ହେବା ନେଇ ଜିଲାପାଳଙ୍କ ନିକଟକୁ ଅଭିଯୋଗ କରିବାକୁ ଆସିଥିବା ପ୍ରକାଶ କରିଛନ୍ତି। ଏନେଇ ସହଦେବଖୁଣ୍ଟା ଥାନା ଇନ୍ସପେକ୍ଟର ବିରଞ୍ଚି କୁମାର ସାହୁ କହିଛନ୍ତି, ପୋଲିସ ଟିମ୍ ପହଞ୍ଚି ଉଭୟ ଅନ୍ତେବାସୀଙ୍କୁ ଉଦ୍ଧାର କରିଥିଲା। ଉଭୟ ଅନ୍ତେବାସୀ ସୋର କସ୍ତୁରବା ଆଶ୍ରମକୁ ଯିବା ପାଇଁ ଅମଙ୍ଗ ହେବାରୁ ସେମାନଙ୍କୁ ସିଡବ୍ଲ୍ୟୁସିକୁ ହସ୍ତାନ୍ତର କରାଯାଇଛି। ଏ ସମ୍ପର୍କରେ ସିଡବ୍ଲ୍ୟୁସି ଅଧ୍ୟକ୍ଷ ଭାଗିରଥି ବାରିକ କହନ୍ତି, ଉଭୟ ଅନ୍ତେବାସୀଙ୍କର କଣ ଅସୁବିଧା ରହିଥିଲା। ଏହା ତଦନ୍ତସାପେକ୍ଷ।

# ୨ ଶହରୁ ଊର୍ଦ୍ଧ୍ୱ ଗୋରୁଙ୍କ ଚିକିତ୍ସା

ବାସୁଦେବପୁର, ୬।୩(ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁରର ଯାଦବ ପଡ଼ିଆଠାରେ ଗୋ ସୁରକ୍ଷା ସମିତି ଆନୁକୂଲ୍ୟରେ ଶନିବାର ଗୋ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ସକାଳେ ଗୋ ପୂଜନ କରାଯିବା ସହ ଶିବିରକୁ ଉଦ୍‌ଘାଟନ କରାଯାଇଥିଲା। ପ୍ରାୟ ୨ଶହରୁ ଊର୍ଦ୍ଧ୍ୱ ଗୋରୁଙ୍କ ଚିକିତ୍ସା କରାଯାଇଥିଲା। ବାସୁଦେବପୁର ପ୍ରାଣୀଧନ ବିଭାଗ ପକ୍ଷରୁ ଡା. ରାମେଶ୍ୱର ପଣ୍ଡା, ଉଦୟ ନାରାୟଣ ବେହେରା, ସରସ୍ୱତୀ ମିଶ୍ର, ଯୁଧିଷ୍ଠିର ବେହେରା, ମହମ୍ମଦ ରଫିକ ଖାଁ, ଚିତ୍ତରଞ୍ଜନ ପଲେଇ, ଭଗବାନ ବେହେରା ପ୍ରମୁଖ ଚିକିତ୍ସା କରାଇଥିଲେ। କବୀନ୍ଦ୍ର ଶେଖର ଫକୀର ରଞ୍ଜନ ଦାସ, ଈଶ୍ୱରଲାଲ ଚାଣ୍ଡାଳ, ମଧୁସୂଦନ ପାଢ଼ୀ, ରତ୍ନାକର ବାରିକ, କମଳାକାନ୍ତ ବାରିକ ପ୍ରମୁଖ ଶିବିର ପରିଚାଳନା କରିଥିଲେ।



## ଆମ ଶିଳ୍ପୀ ଆମ ଗର୍ବ

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଆନୁକୂଲ୍ୟରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ପରିଷଦ, ବାଲେଶ୍ୱର ମିଳିତ ସହଯୋଗରେ

"ରାଜ୍ୟସ୍ତରୀୟ ଶୀତ ଉତ୍ସବ"

ସ୍ଥାନ: କୋଟିଆ କୋଇଲି ପଡ଼ିଆ, ଖଇରା
ତାରିଖ: ୦୭ ଓ ୦୮ ମାର୍ଚ୍ଚ – ୨୦୨୧
ସମୟ: ପ୍ରତ୍ୟହ ସନ୍ଧ୍ୟା ଘ୬.୩୦ମିନିଟ୍

କୋଭିଡ୍-୧୯ ନିୟମକୁ ଦୃଷ୍ଟିରେ ରଖାଯାଇ ମାସ୍କ ପିନ୍ଧି, ସାମାଜିକ ଦୂରତା ରକ୍ଷା କରିବା ସହ ଉକ୍ତ ଉତ୍ସବରେ ଯୋଗଦାନ କରି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଉପଭୋଗ କରିବା ସହିତ କଳାକାରମାନଙ୍କୁ ଉତ୍ସାହିତ କରିବା ନିମନ୍ତେ ଆପଣଙ୍କୁ ସାଦର ନିମନ୍ତ୍ରଣ।

ଶ୍ରୀ ପ୍ରବୋଧ ରଥ
ସଚିବ
ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଭୁବନେଶ୍ୱର


# ସୁଧୁରିଲା ପାନୀୟଜଳ ସମସ୍ୟା



ଖଇରା, ୬।୩(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ମିଟୁଆଣି ଓ ନୂଆଗାଁ ବଡ ଗ୍ରାମରେ ପାନୀୟଜଳ ସମସ୍ୟା ଉତ୍କଟ ରୂପ ଧାରଣ କରିଛି। ଖରାଦିନେ ନଳକୂପର ଜଳ ଗଭୀରକୁ ଚାଲି ଯାଉଥିବାରୁ ଜଳ ମିଳୁ ନ ଥିଲା । ୮ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ପାଣିର ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ଦାବି କରି ଆସୁଥିଲେ । ଶେଷରେ ଶୁକ୍ରବାର ୫୦ହଜାର ଲିଟର କ୍ଷମତା ବିଶିଷ୍ଟ ୨ଟି ଟାଙ୍କି ସହ ପ୍ରକଳ୍ପ ଉଦ୍‌ଘାଟନ ପରେ ଲୋକଙ୍କ ପାନୀୟ ଜଳ ସମସ୍ୟା ଦୂର ହୋଇଛି । ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଓ ଭଦ୍ରକ ଏମ୍‌ପି ମଞ୍ଜୁଲତା ମଣ୍ଡଳ ଶୁକ୍ରବାର ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିଛନ୍ତି। ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ଜିଲାର ବିଜେଡି ସଭାପତି ରବୀନ୍ଦ୍ର କୁମାର ଜେନା, ମହିଳା ମଣ୍ଡଳ ସଭାପତି ରଶ୍ମିତା ମହାପାତ୍ର, ପାନୀୟ ଜଳ ଓ ପରିମଳ ବିଭାଗର କନିଷ୍ଠ ଯନ୍ତ୍ରୀ ତପସ୍ୱିନୀ ଦାସ, ସହକାରୀ ଯନ୍ତ୍ରୀ ସମୀର ଦେ ପ୍ରମୁଖ ଯୋଗ ଦେଇଥିଲେ । ସେହିଭଳି ମିଟୁଆଣି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଓଡିଶା ମୋ ପରିବାର ପକ୍ଷରୁ ପ୍ରକଲ୍ଲାଦ ପତିଙ୍କ ସଂଯୋଜନାରେ ଆୟୋଜିତ ଜୀବନ ବିନ୍ଦୁ କାର୍ଯ୍ୟକ୍ରମରେ ମୋଟ ୧୪୦ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା । ଜିଲା ଯୁବ ବିଜେଡି ଉପସଭାପତି ଗୌତମ ରାଉତ ସହଯୋଗ କରିଥିଲେ।

# କୁକୁଡ଼ା ଫାର୍ମ ନିକଟରେ ପୋଡ଼ି ହୋଇ ମହିଳାଙ୍କ ମୃତ୍ୟୁ

ସୋର, ୬।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ସୋର ଥାନା ପାଖର ପଞ୍ଚାୟତ କଳମଙ୍ଗା ଗ୍ରାମର ନରେନ୍ଦ୍ର ସାହୁଙ୍କ ସ୍ତ୍ରୀ ହେମଲତା (୩୬) କୁକୁଡ଼ା ଫାର୍ମ ନିକଟରେ ନିଛାଟିଆ ସ୍ଥାନରେ ପୋଡ଼ିହୋଇ ମୃତ୍ୟୁବରଣ କରିଛନ୍ତି। ଏନେଇ ନରେନ୍ଦ୍ର ସୋର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୧୨/୨୧) ରୁଜୁ କରିଛି।

ହେମଲତା ସବୁଦିନ ପରି କୁକୁଡ଼ା ଫାର୍ମ ନିକଟରେ ଥିବା ଏକ ଘରେ ନିଜର ସାନପୁଅ ସହ ଶୋଇଥାନ୍ତି। କୁକୁଡ଼ା ଫାର୍ମ ଠାରୁ ଅଧକି.ମି. ଦୂରରେ ଥିବା ଘରେ ସ୍ୱାମୀ ଓ ବଡ଼ପୁଅ ଶୁଅନ୍ତି। ଶୁକ୍ରବାର ରାତିରେ ମା', ପୁଅ ଶୋଇବାକୁ ଆସିଥିଲେ। ଶନିବାର ସକାଳେ ଫାର୍ମ ବାହାରେ ହେମଲତାଙ୍କ ପୋଡ଼ି ଯାଇଥିବା ମୃତଦେହ ପଡିଥିବା ଦେଖି ସ୍ୱାମୀ ନରେନ୍ଦ୍ର ପୋଲିସକୁ ଖବର ଦେଇଥିଲେ। ସୋର ଥାନା ଅଧିକାରିଣୀ ମଧୁମିତା ମହାନ୍ତି ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ବାଲେଶ୍ୱରରୁ ସାଇଣ୍ଟିଫିକ୍ ଦଳ ପହଞ୍ଚି ତଦନ୍ତ କରିବା ସହ ମୃତଦେହ ଜବତ କରି ସୋର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇଛି। ମୃତଦେହ ନିକଟରେ କିରୋସିନ ଜାର୍ ପଡ଼ିରହିଛି। ପୋଷ୍ଟମର୍ଟମ ରିପୋର୍ଟ ଆସିଲେ ସମସ୍ତ ଘଟଣା ଜଣାପଡ଼ିବ ବୋଲି ଥାନା ଅଧିକାରିଣୀ କହିଛନ୍ତି।

# ରେଳ ଧାରଣାରୁ ଯୁବକଙ୍କ ମୃତଦେହ ଜବତ

ବାରିପଦା ଅଫିସ,୬।୩

ବାରିପଦା ଷ୍ଟେଶନ ବଜାରରୁ ଭଞ୍ଜପୁର ମଧ୍ୟରେ ଥିବା ବାଘଡ଼ାରୋଡ୍‌ସ୍ଥିତ ଶନିମନ୍ଦିର ନିକଟ ରେଳଧାରଣାରୁ ଜଣେ ଯୁବକଙ୍କ ମୃତଦେହ ରେଲୱେ ପୋଲିସ ଜବତ କରିଛି। ମୃତକ ହେଲେ ବାରିପଦା ଟାଉନ ଥାନା ଅଧୀନ ୱାର୍ଡ ନଂ.୧୭ ପୂର୍ଣ୍ଣଚନ୍ଦ୍ରପୁର ଅଞ୍ଚଳର ଚନ୍ଦନ ସରକାର। ରେଲୱେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଶନିବାର ଭୋରରେ ଚନ୍ଦନ ରେଳ ଲାଇନରେ ଥିବା ବିଦ୍ୟୁତ୍ ଖୁଣ୍ଟକୁ ଚଢ଼ି ତାର କାଟୁଥିବା ବେଳେ ତଳେ ପଡ଼ିଯିବାରୁ ମୃତ୍ୟୁ ଘଟିଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ଏହି ତାର ରେଳ ଲାଇନ ଉପରେ ଝୁଲି ରହିଥିବାରୁ ବାଙ୍ଗରିପୋଷି–ଭୁବନେଶ୍ୱର ସ୍ୱତନ୍ତ୍ର ଟ୍ରେନଟି ୨ ଘଣ୍ଟା ବିଳମ୍ବରେ ଯାଇଥିଲା।

# ଟ୍ରାକ୍ଟର ଟାୟାର ଫାଟି ଯୁବକ ମୃତ

ବାସୁଦେବପୁର,୬।୩ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ସହର ସ୍ଥିତ ତାରିଣୀ ଛକ ନିକଟରେ ଶନିବାର ଅପରାହ୍ନରେ ଏକ ଟ୍ରାକ୍ଟର ଟାୟାର ଫାଟି ସେକ୍ ମୁସା ନାମକ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ତାଙ୍କ ଘର ସାବରପୁର ଅଞ୍ଚଳରେ। ଏହି ଛକରେ ତାଙ୍କର ଗ୍ୟାରେଜ ରହିଛି। ସେ ଉକ୍ତ ଟ୍ରାକ୍ଟର ଚକରେ ପମ୍ପ ଦେଉଥିବା ବେଳେ ତାହା ଫାଟିଯାଇଥିଲା। ଚକରେ ଲାଗିଥିବା ଲୁହା ଛିଟିକି ତାଙ୍କରେ ମୁଣ୍ଡରେ ବାଜି ଆଘାତ ଲାଗିଥିଲା। ତାଙ୍କୁ ବାସୁଦେବପୁର ଡାକ୍ତରଖାନାକୁ ନିଆଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯିବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା।

# ବିଜେଡିକୁ ଫେରିଲେ ପ୍ରତାପ

ଚାନ୍ଦବାଲି,୬।୩(ଡି.ଏନ.ଏ.)

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ବରିଷ୍ଠ ନେତା ପ୍ରତାପ ଧଳ ଶୁକ୍ରବାର ବିଜେଡିକୁ ଫେରିଛନ୍ତି। ସମର୍ଥକଙ୍କ ସହିତ ସେ ଭାଜପା ଛାଡି ବିଜେଡିରେ ବିଧିବଦ୍ଧ ଭାବେ ଯୋଗ ଦେଇଛନ୍ତି। ଏହି ଅବସରରେ ଚାନ୍ଦବାଲି ବିଜୁ ସ୍ମୃତି ଭବନରେ ଅନୁଷ୍ଠିତ ଏକ ସମାବେଶରେ ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ବ୍ୟୋମକେଶ ରାୟ, ଭଦ୍ରକ ବିଧାୟକ ସଞ୍ଜୀବ ମଲ୍ଲିକ, ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ବିଜେଡି ଜିଲା ସଭାପତି ଜଗନ୍ନାଥ ସ୍ୱାଇଁଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଦଳୀୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ସେ ବିଜେଡିରେ ସାମିଲ ହୋଇଥିଲେ। ଦଳୀୟ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ତାଙ୍କୁ ସ୍ୱାଗତ କରାଯାଇଥିଲା। ଦଳର ଜଣେ ଶୃଙ୍ଖଳିତ କର୍ମୀ ହିସାବରେ ବିଧାୟକ ଯାହା କାମ ଦେବେ ତାହା ସମ୍ପାଦନ କରିବେ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ସୂଚନା ଥାଉକି, ବିଧାୟକ ରାୟଙ୍କ ସହିତ ମନୋମାଳିନ୍ୟ କାରଣରୁ ୨୦୧୯ ନିର୍ବାଚନର ଅବ୍ୟବହିତ ପୂର୍ବରୁ ପ୍ରତାପ ବିଜେଡି ଛାଡ଼ି ଭାଜପାରେ ସାମିଲ ହୋଇଥିଲେ। ସେଠାରେ ସେ ନିଜକୁ ଖାପଖୁଆଇ ପାରି ନ ଥିବା ନେଇ ଆଲୋଚନା ହୋଇଆସୁଥିଲା। ଗତ ଫେବୃୟାରୀ ଶେଷ ସପ୍ତାହରେ ସେ ସମର୍ଥକଙ୍କୁ ନେଇ ଯଶିପୁରରେ ଏକ ବୈଠକ କରିଥିଲେ। ସମର୍ଥକଙ୍କ ୧୫ ଜଣିଆ କମିଟି ସଦସ୍ୟଙ୍କ ନିଷ୍ପତ୍ତି ପରେ ସେ ପରବର୍ତ୍ତୀ ପଦକ୍ଷେପ ନେବାକୁ ସୂଚନା ଦେଇଥିଲେ। ଏହାମଧ୍ୟରେ ବିଜେଡିର କେତେଜଣ ନେତା ଯଶିପୁରସ୍ଥିତ ତାଙ୍କ ବାସଭବନରେ ଭେଟି ଆଲୋଚନା କରିଥିଲେ। ଶେଷରେ ବିଜୁ ପଟ୍ଟନାୟକଙ୍କ ଜନ୍ମ ଦିବସରେ ସେ ବିଜେଡିରେ ସାମିଲ ହୋଇଛନ୍ତି।

# ରାଇବଣିଆରେ ଜଳକଷ୍ଟ

ରାଇବଣିଆ, ୬।୩(ଡି.ଏନ.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ପାହାଡିଆ ଅଞ୍ଚଳ ରାଇବଣିଆରେ ଦୀର୍ଘ ୬ ମାସ ଧରି ବର୍ଷା ନ ହେବାରୁ ଏବେଠୁ ଜଳକଷ୍ଟ ଆରମ୍ଭ ହୋଇଗଲାଣି। ଫଳରେ ପିଇବା ପାଣି ଲାଗି ଲୋକେ ତହଳବିକଳ ହେଉଛନ୍ତି।

ଘରୋଇ ଓ ସରକାରୀ ଉଠା ଜଳସେଚନ ପ୍ରକଳ୍ପ ଜଳ ଉତ୍ତୋଳନ ଯୋଗୁ ଭୂତଳ ଜଳସ୍ତର ୧୦୦ଫୁଟ ତଳକୁ ଖସିଛି। ୨ମାସ ତଳୁ ଗାଡ଼ିଆ, ପୋଖରୀରେ ପାଣି ଶୁଖିଯାଇଥିବା ବେଳେ ଅଗଭୀର ଘରୋଇ ନଳକୂପ ସବୁ ଅଚଳ ହୋଇପଡ଼ିଛି। ବିଶେଷକରି ଖୁଦିଆମାଝିସାହି, ସର୍ଦ୍ଦାରବନ୍ଧ, ଶ୍ୟାମନଗର, ଓଲମରା, ରାଇବଣିଆ, ମାକିଡ଼ିଆ, ଖୁଆଡ଼, ବରଡ଼ିହା ଓ କଳମା ପଞ୍ଚାୟତର ପିଇବା ପାଣି ଗୁରୁତର ସମସ୍ୟା ସୃଷ୍ଟି କରିଛି । ଉପରୋକ୍ତ ପଞ୍ଚାୟତଗୁଡ଼ିକ ଆଦିବାସୀ ବହୁଳ ହୋଇଥିବାରୁ ଲୋକେ ସାହି କରି ରହିଛନ୍ତି। ୨ଶହ ଜନସଂଖ୍ୟାରେ ଏକ ନଳକୂପ ବସିବାର


ଗୋଟିଏ ନଳକୂପରୁ ମହିଳାମାନେ ଧାଡ଼ିବାନ୍ଧି ପାଣି ନେଉଛନ୍ତି।

ସରକାରୀ ନିୟମ ଥିବାରୁ ସବୁ ଜନବସତି ଓ ସାହିରେ ସରକାରୀ ନଳକୂପ ନାହିଁ।

ଖୁଦିଆମାଝିସାହି ଗାଁରେ ୧୦ହଜାର ଲୋକ ଥିବା ବେଳେ ଗୋଟିଏ ପ୍ରକଳ୍ପ, ଶ୍ୟାମନଗରରେ ୬୫୦୦ଲୋକ ବାସ କରୁଥିବା ବେଳେ ୨ଟି ପ୍ରକଳ୍ପ, ଓଲମରାରେ ୭୫୦୦ ଲୋକ ବାସ କରୁଥିବା ବେଳେ ୨ଟି ପ୍ରକଳ୍ପ, ମାକିଡ଼ିଆରେ ୫ହଜାର ଲୋକସଂଖ୍ୟାରେ ୧ଟି ପ୍ରକଳ୍ପ, ରାଇବଣିଆରେ ୭ହଜାର ଲୋକ ଥିବା ବେଳେ ୧ଟି ପ୍ରକଳ୍ପ, ଖୁଆଡ଼ରେ ୭ହଜାର ଲୋକ ଲାଗି ୨ଟି ପ୍ରକଳ୍ପ, ବରଡ଼ିହରେ ୭ହଜାର ଲୋକ ଲାଗି ୧ଟି ପ୍ରକଳ୍ପ, କଳମାରେ ୪ହଜାର ଲୋକ ଲାଗି ପ୍ରକଳ୍ପ ଆଦୌ ନ ଥିବା ଏବଂ ସର୍ଦ୍ଦାରବନ୍ଧରେ ୬ହଜାର ଲୋକଙ୍କ ଲାଗି ୪ଟି ପ୍ରକଳ୍ପ ଥିବା ସ୍ଥାନୀୟ ସରପଞ୍ଚମାନେ କହିଛନ୍ତି । ତେଣୁ ପାଣି ଏକ ସମସ୍ୟା ଭାବେ ଦେଖାଦେଇଛି। ସୁବର୍ଣ୍ଣରେଖା ନଦୀରୁ ପାଣି ଉତ୍ତୋଳନ କରି ମେଗା ପ୍ରକଳ୍ପ ମାଧ୍ୟମରେ ଉପରୋକ୍ତ ପଞ୍ଚାୟତକୁ ବିଶୁଦ୍ଧ ପିଇବା ପାଣି ଯୋଗାଇବାକୁ ଦିଲୀପ ସାମଲ, ସତ୍ୟଶୋଭନ ମିଶ୍ର, ଯତିନ୍ଦ୍ର ମହାନ୍ତି, ବ୍ରିଜେଶ ରଣା, ଗିରିଜା ଶାସମଲ, ରମାନାଥ ବାଡି, ବଳରାମ ବର୍ଷାଳ, ଚନ୍ଦନ ସାହୁ, ଅଜୟ ମହାନ୍ତି ଓ ବ୍ଲକ ଅଧ୍ୟକ୍ଷା ସବିତାରାଣୀ ଦଳେଇ ପ୍ରମୁଖ ଦାବି କରିଛନ୍ତି।


GOVT. OF INDIA
MINISTRY OF FINANCE
DEPARTMENT OF FINANCIAL SERVICES
**DEBTS RECOVERY TRIBUNAL**
COURT OF THE RECOVERY OFFICER
Plot No. C/71, Sector-7, CDA, Cuttack-753014
FORM NO. ITCP-I

**NOTICE OF DEMAND TO THE CERTIFICATE DEBTORS**
(See Rule 2 of the Second Schedule as referred to in Section 29 of the Recovery of Debts due to Banks & Financial Institutions Act, 1993)
R. P. No. 23/2020/CTC
(Arising out of OA No. 115 of 2014)
Next Date: 19.04.2021

United Bank of India, Chandrasekherpur Branch ...Certificate Holder Bank
Vs.
M/s. Seashore Agricultural Promotion Co. Pvt. Ltd. & Ors. ...Certificate Debtors

To
1. M/s. Seashore Agricultural Promotion Co. Pvt. Ltd., Plot No.: 298/A. Saheed Nagar, Bhubaneswar.
2. Sri Prashanta Kumar Dash, S/O.: Sri Umesh Chandra Dash, Flat No.-205, N.A. Majestic, Jharpada, Bhubaneswar-751006
3. M/s. Seashore Securities Ltd., Plot NO.: B-58, Chandaka, Industrial Estate, Patia, P.O.-Kiit, Bhubaneswar, Represented through its Managing Director Sri Prashanta Kumar Dash, S/O.: Sri Umesh Chandra Dash, Khurda-751024

Take notice that Certificate arising out of **OA No. 115 of 2014** issued by the Hon'ble Presiding Officer, Debts Recovery Tribunal, Cuttack under Section 19 (22) of the Recovery of Debts due to Banks and Financial Institutions Act, 1993 and forwarded to the undersigned for recovery of **Rs. 11,33,68,876.00 (Rupees Eleven Crore Thirty Three Lac Sixty Eight Thousand Eight Hundred Seventy Six Only)** together with interest till realisation of the dues, cost, charges as per the certificate, the details of which are given below:

| | | |
|---|---|---|
| 1. Decretal Dues | | :Rs. 11,33,68,876.00 |
| 2. Cost allowed | (+) | :Rs. 1,50,000.00 |
| 3. Interest @ 14.20% p.a. with yearly rests from 22.01.2014 to 12.04.2019 | | :Rs. 8,41,08,564.10 |
| | Total | :Rs. 19,76,27,440.10 |

(Rupees Nineteen Crore Seventy Six Lac Twenty Seven Thousand four Hundred Forty and Paise Ten only) with of interest @ **14.20% p.a.** with yearly rests on the amount due from **13.04.2019** till realization of the entire Dues.

2. You are hereby directed to pay the above stated sum within **15 (Fifteen)** days of the publication of this notice, failing which the recovery shall be made in accordance with the provisions contained in Chapter V of the Recovery of Debts due to Banks & Financial Institutions Act, 1993.

3. In addition to the aforesaid amount you will also be liable for all future interest, costs, charges and expenses incurred in respect of the service of this notice and of warrants and other processes etc., and of all the other proceedings taken for realising of arrears.

4. You are hereby directed to appear in person or through legal representative before the undersigned on **19.04.2021** and report the details of payment made by you.

Given under my hand & seal at Cuttack on this **24th day of February, 2021.**

Sd/- (R.P. Patnaik)
Recovery Officer

